# Akashvani, Sambalpur

# SAMBALPURI NEWS MORNING BULLETIN

# 10 August 2026 - 6.47- 6.52 am.

---

ଘରେ ଘରେ ତ୍ରିରଙ୍ଗା ଅଭିଯାନ୍      ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ନାଗରିକ୍‌ମାନ୍‌କୁ ଘରେ ଘରେ ତ୍ରିରଙ୍ଗା ଅଭିଯାନ୍‌ଥି ଉତ୍ସାହ୍‌ନାକିର୍ ସହେତେ ଭାଗ୍ ନେବାର୍‌କେ ଆଉ ଗୁଟେ ବିକଶିତ୍ ଭାରତ୍ ଗଠନ୍ ଦିଗେ ନିଜର୍ ସାମୂହିକ୍ ସଂକଳ୍ପକେ ପୁରା କର୍‌ବାର୍ ଲାଗି ଆହ୍ୱାନ୍ ଦେଇଛନ୍ । ଶ୍ରୀ ମୋଦୀ କହିଛନ୍, ତ୍ରିରଙ୍ଗା ପତାକା ଭାରତୀୟ ଗୌରବ୍‌ର ପ୍ରତୀକ ଆଏ । ଇ ବଛର୍ ଦେଶ୍ ରାଷ୍ଟ୍ରୀୟ ସଂଗୀତ୍‌ର ଶହେ ୫୦ ତମ ଜୟନ୍ତୀ ପାଲନ୍ କରୁଥିବାର୍‌ନୁ ଇ ଅଭିଯାନ୍ ଇଥର ବନ୍ଦେ ମାତରମ୍‌କେ ସମର୍ପିତ୍ ହେଇଥିବାର୍‌ନୁ ପ୍ରଧାନ୍‌ମନ୍ତ୍ରୀ ଖୁସି ଜାହି କରିଛନ୍ ।

ନିଯୁକ୍ତି ମେଳା      ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ରାଜ୍ୟ ସର୍କାର୍ଙ୍କର୍ ୯ ବିଭାଗ୍‌ଥି ନିଯୁକ୍ତି ପାଇଥିବା ୧ ହଜାର୍ ୩ ଶହ ୨୬ ଝନ୍ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ଦେବେ । ଭୁବ୍‌ନେଶ୍ୱର୍ ରେଲ୍ ପ୍ରେକ୍ଷାଲୟ ନ ହେବାର୍‌କେ ଥିବା ନିଯୁକ୍ତି ମେଳାଥି ମୁଖ୍ୟମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ନୂଆକରି ଚାକିରୀ ପାଇଥିବା ଅଧିକାରୀମାନ୍‌କୁ ନିଯୁକ୍ତିପତ୍ର ଦେବେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ        ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ଠାନେ ଆଏଜ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ କାମ୍ ଥିବାର୍‌ନୁ ଶୁଣାଣି ବନ୍ଦ୍ ରଖାଯାଇଛେ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା        ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା (ସହରାଂଚଲ୍) PMAY- U ଆଉ PMAY-2.0 ଅଧୀନ୍‌ଥି ୧ କୋଟି ୨୫ ଲାଖ୍ ନୁ ଅଏତ୍‌କା ଘର୍ ମଞ୍ଜୁର୍ ହେଇଥିବା ଗୃହ ଆଉ ସହରାଂଚଲ୍ ମନ୍ତ୍ରଣାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ସେଥିର୍‌ଭିତ୍‌ରୁ ୧ କୋଟିନୁ ଅଏତ୍‌କା ଘର୍ ତିଆର୍ କାମ୍ ଶେଷ୍ ହେଇକରି ହିତାଧିକାରୀମାନ୍‌କୁ ଦିଆଯାଇଛେ । ଓଡ଼ିଶା ସହେତେ ୧୬ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌ର ଅର୍ଥନୈତିକ୍ ଦୁର୍ବଲ୍ ବର୍ଗର୍ ପରିବାର୍ ମାନ୍‌କର୍ ଲାଗି PMAY-2.0 ଅଧୀନ୍‌ଥି ୨ ଲାଖ୍ ୯ ହଜାର୍ ନୁ ଅଏତ୍‌କା ଘର୍ ମଞ୍ଜୁର୍ ହେଇଥିବା ମନ୍ତ୍ରଣାଳୟ ତର୍‌ଫୁ କୁହାଯାଇଛେ ।

ପଂଚାୟତ୍- ପାଣ୍ଠି          ଆର୍‌ଏନ୍‌ୟୁ/ ସମ୍ବଲପୁର

ଷଷ୍ଠ ରାଜ୍ୟ ଅର୍ଥ କମିଶନ୍‌ଙ୍କର୍ ସୁପାରିଶ୍ ଅନ୍‌ସାରେ ରାଜ୍ୟର୍ ପଂଚାୟତ୍‌ମାନ୍‌କୁ ଦୁଇଗୁନା ଟଙ୍କା ମିଲ୍‌ବା । ବ୍ଲକ୍ ଆଉ ଜିଲ୍ଲା ପରିଷଦ୍‌କେ ଭିଲ୍ ଅଏତ୍‌କା ପାଣ୍ଠି ଦେବାର୍‌କେ ଅର୍ଥ କମିଶନ୍ ସୁପାରିଶ୍ କରିଛନ୍ । ଇ ସୁପାରିଶ୍‌କେ ଲାଗୁ କରିକରି ପାଣ୍ଠି

ଦେବାର୍‌କେ ପଂଚୟତିରାଜ୍ ବିଭାଗ୍ ନିଷ୍ପତି ନେଇଛେ । ଆଏବା ୫ ତାରିଖ୍‌ତକ୍ ଗ୍ରାମ୍ ପଂଚାୟତ୍ ଡେଭଲପ୍‌ମେଂଟ୍ ପ୍ଲାନ୍ ଅପ୍‌ଲୋଡ୍ କର୍‌ବାର୍‌କେ ବିଭାଗ୍ ତର୍‌ଫୁ ସବୁ ପଂଚାୟତ୍, ବ୍ଲକ୍ ଆଉ ଜିଲ୍ଲା ପରିଷଦ୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଧାରିଜ୍ ସମିଆ ଭିତ୍‌ରେ ଇ କାମ୍ ଶେଷ୍ କର୍‌ବାର୍‌କେ ସବୁ ଜିଲ୍ଲାପାଲ୍, ଜିଲ୍ଲା ପରିଷଦ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଆଉ ବିଡ଼ିଓ ମାନ୍‌କୁ ଚିଠି ଲେଖାଯାଇଛେ ।

ମେଡ଼ିକାଲ୍ କଲେଜ       ଆଇ ଆଣ୍ଡ ପି.ଆର୍

ଭାରତୀୟ ପ୍ରତିଷ୍ଠାନ୍‌ଗତ ରେଙ୍କିଂ ଫେମ୍‌ୱାର୍କ ଆଇ.ଆଇ.ଆର୍.ଏଫ୍. ୨୦୨୬ ଥି ଓଡ଼ିଶାର୍ ପ୍ରମୁଖ୍ ୩ ଟା ସର୍‌କାରୀ ମେଡ଼ିକାଲ୍ କଲେଜ୍ ଜାତୀୟସ୍ତର୍ ନ ଉଲ୍ଲେଖନୀୟ ସ୍ଥାନ ହାସଲ୍ କରିଛନ୍ । କଟକ୍ ଏସ୍‌ସିବି ମେଡ଼ିକାଲ୍ କଲେଜ୍ ଆଉ ଡାକ୍ତର୍‌ଖାନା- ୧୫ ନମ୍ବର୍, ବୁର୍ଲା ଭୀମସାର୍ ୬୪ ନମ୍ବର୍ ଆଉ ବ୍ରହ୍ମପୁର୍ ଏମ୍.କେ.ସି.ଜି. ମେଡ଼ିକାଲ୍ କଲେଜ୍ ଆଉ ଡାକ୍ତର୍‌ଖାନା ୭୪ ନମ୍ବର୍ ଠାନେ ରହିଛେ । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ

ଇ ସଫଲତା ଲାଗି ଡାକ୍ତର୍ ଶିକ୍ଷକ୍, ଛାତ୍ରଛାତ୍ରୀ, ନର୍ସ ଆଉ ସବୁ କର୍ମଚାରୀମାନ୍‌କୁ ଅଭିନନ୍ଦନ ଜନେଇକରି କହିଛନ୍, ଇଟା ରାଜ୍ୟର୍ ସର୍‌କାରୀ ଚିକିତ୍ସା ଶିକ୍ଷା ଆଉ ସ୍ୱାସ୍ଥ୍ୟସେବାର୍ ଗୁଣାତ୍ମକ୍ ମାନର ପ୍ରମାଣ୍ ଆଏ ।

କୃମିନାଶକ୍ ଉଷୋ ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ କୃମିନାଶକ୍ ଦିବସ୍ ଅବ୍‌ସରେ ସର୍‌କାର୍‌ଙ୍କର୍ ତର୍‌ଫୁ ଆଏଜ୍ ୧ ନୁ ୧୯ ବଛର୍ ଭିତ୍‌ରେ ଥିବା ସବୁ ଛୁଆ, ପିଲା, ଟୁକେଲ୍ ଆଉ ୨୦ ନୁ ୨୪ ବଛର୍ ବୟସ୍କ ମହିଳାମାନ୍‌କୁ ଆଲ୍‌ବେଣ୍ଡାଜଲ୍ ବଟିକା ଆର୍ ସିରପ୍- ଅଙ୍ଗନବାଡ଼ି କେନ୍ଦ୍ର, ସର୍‌କାରୀ, ବେସର୍‌କାରୀ ବିଦ୍ୟାଳୟ ଆର୍ ମହାବିଦ୍ୟାଳୟ ମାନ୍‌କେ ଦିଆଯିବା । ଯେନ୍‌ମାନେ ଆଏଜ୍ ଇ ବଟିକା ନାଇଁ ଖାଇପାର୍‌ବେ ସେମାନ୍‌କୁ ଆଏବା ୧୭ ତାରିଖ୍ ଦିନ ମପ୍ ଅପ୍ ଦିବସ୍‌ଥି ଇ ଉଷୋ ଖାଏବାର୍‌କେ ଦିଆଯିବା ।

ସିଂହ ଦିବସ ଆର୍‌ଏନ୍‌ୟୁ କଟକ୍

ଜୈବ ବିବିଧତା ଆଉ ପରିବେଶ୍ ସନ୍ତୁଲନ୍‌ଥି ସିଂହମାନ୍‌କର୍ ଗୁରୁତ୍ୱ ଆଉ ସୁରକ୍ଷା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଉଦ୍ଦେଶ୍‌ଥି ଆଏଜ୍ ବିଶ୍ୱ ସିଂହ ଦିବସ୍ ପାଲନ୍ କରାଯାଉଛେ । ଜଙ୍ଗଲ୍ ନ ସିଂହମାନେ ଭୁଗୁଥିବା ଭିନ୍ ଭିନ୍ ସମସ୍ୟା ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍ ଉଦ୍ଦେଶ୍ୟଥି ୨୦୧୩ ଅଗଷ୍ଟ ୧୦ ତାରିଖ୍ ଦିନ ପହେଲା ବିଶ୍ୱ ସିଂହ ଦିବସ୍ ପାଲନ୍ କରାଯାଇଥିଲା । ୨୦୨୦ ସିଂହ ଗଣନା ଅନ୍‌ସାରେ ଭାରତ୍ ନ ସିଂହ ମାନ୍‌କର୍ ସଂଖ୍ୟା ୩୨ ଦଶ୍‌ମିକ୍ ୨ ପ୍ରତିଶତ୍ ବଢ଼ିଛେ ।

ତ୍ରିରଙ୍ଗା ଅଭିଯାନ          ହି.ସ.

ଘରେ ଘରେ ତ୍ରିରଙ୍ଗା ଅଭିଯାନ୍ ଅବ୍‌ସରେ ଆଏବା କାଏଲ୍ ବଲାଙ୍ଗିର୍ ଠାନେ ଗୁଟେ ବିଶାଲ୍ ରେଲିର୍ ଆୟୋଜନ୍ କରାଯାଉଛେ । ସଖାଲର୍ ୧୦ ବଜେ ବଲାଙ୍ଗିର୍ ସର୍କିଟ୍ ହାଉସ୍ ନୁ ରେଲି ମୁଲ୍ ହେଇକରି ମହିଲା ମହାବିଦ୍ୟାଲୟ ତକ୍ ଯିବା । ତାର୍

ଉତ୍‌ରୁ ମହାବିଦ୍ୟାଲୟ ପରିସର୍ ନ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଛେ ।

ଅନୁପ୍ ସିଂହଦେଓ ମେମୋରିଆଲ୍ ଫୁଟ୍‌ବଲ          ନୂଆପଡ଼ା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ରାଜା ଆର୍ତତ୍ରାଣ ଖେଲ୍‌ପଡ଼ିଆ ଠାନେ ଚାଲିଥିବା ୧୭ ନମ୍ବର୍ ରାଜା ଅନୁପ୍ ସିଂହଦେଓ ମେମୋରିଆଲ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ର ୨ ନମ୍ବର୍ ମେଚ୍ ନୂଆପଡ଼ା ଜିଲ୍ଲାର୍ କୋମ୍‌ନା ଆଉ କଲାହାଣ୍ଡି ଜିଲ୍ଲା ବୋର୍ଡ଼ା ଭିତ୍‌ରେ ଖେଲାଯାଇଥିଲା । ଧାରିଜ୍ ସମିଆଥି କୋମ୍‌ନା ଦଲ୍ ୬-ଶୂନ୍ ଗୋଲ୍‌ଥି ବୋର୍ଡ଼ା ଦଲ୍‌କେ ହରେଇଥିଲା । ଆଏବା ୧୨ ତାରିଖ୍ ଦିନ ପହେଲା ସେମିଫାଇନାଲ୍ ମେଚ୍ କୋମ୍‌ନା - ବୋଡ଼େନ୍ ଦଲ୍ ଭିତ୍‌ରେ ହେବା ।

ପାଣିପାଗ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ଓଡ଼ିଶା ଆଉ ତାର୍ ପାଖର୍ ଝାର୍‌ଖଣ୍ଡ ଉପ୍‌ରେ ସୃଷ୍ଟି ହେଇଥିବା ଲଘୁଚାପ୍ କ୍ଷେତ୍ର ପ୍ରଭାବ୍‌ଥି ରାଏଜେ ଆଏବା ୧୪

ତାରିଖ୍‌ତକ୍ ବର୍ଷା ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ଚଡ଼୍‌କ୍ ମାରିକରି ଜବର୍ ବର୍ଷା ହେବା ବଲି ୮ ଟା ଜିଲ୍ଲାକେ ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଇତାର୍‌ସହେତେ ବାକି ସବୁ ଜିଲ୍ଲା ନ ଚଡ଼୍‌କ୍ ମାରିକରି ବର୍ଷା ହେବାର୍ ସମ୍ଭାବନା ରହିଛେ ।

ସେଆଡ଼େ ଆଏବା ୧୨ ତାରିଖ୍ ଆଡ଼େ ଆଉ ଗୁଟେ ଲଘୁଚାପ୍ ହେବାର୍ ସମ୍ଭାବନା ଅଛେ ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ ।